# NATIONAL NEWS BULLETIN (ODIA)

**21 May - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପଞ୍ଚରାଷ୍ଟ୍ରୀୟ ଗସ୍ତ ସଫଳତାର ସହ ସମ୍ପନ୍ନ କରି ନୂଆଦିଲ୍ଲୀରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀ ।

- ଇବୋଲା ପ୍ରଭାବିତ ଦେଶଗୁଡ଼ିକରୁ ଯାତାୟତ କରୁଥିବା ଯାତ୍ରୀଙ୍କ ପାଇଁ ପରାମର୍ଶବଳୀ ଜାରି କଲା ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶାଳୟ ।

- ଶରୀର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଉପଯୋଗ କରାଯାଉଥିବା ଇଞ୍ଜେକ୍ସନ ବ୍ୟବହାରକୁ ନିଷିଦ୍ଧ ଘୋଷଣା କଲେ ସରକାର ।

- ସିଭିଲ ସର୍ଭିସେସ୍ ପ୍ରାଥମିକ ପରୀକ୍ଷା ୨୦୨୬ ପାଇଁ ଭୁବନେଶ୍ୱରକୁ ମିଶାଇ ୩ଟି ନୂତନ ପରୀକ୍ଷା କେନ୍ଦ୍ର କାର୍ଯ୍ୟକାରୀ କଲା ୟୁପିଏସ୍‌ସି ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଜି ଗୁଜରାଟ୍ ଟାଇଟନ୍‌ସ ଓ ଚେନ୍ନାଇ ସୁପର କିଙ୍ଗ୍‌ସ ମଧ୍ୟରେ ଖେଳାଯିବ ମ୍ୟାଚ୍।

---

## ପିଏମ୍ ଆରାଇଭାଲ

ପଞ୍ଚରାଷ୍ଟ୍ରୀୟ ଗସ୍ତକୁ ସଫଳତାର ସହ ସମ୍ପନ୍ନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସକାଳେ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ଗତ ୧୫ ତାରିଖରୁ ଶ୍ରୀ ମୋଦୀ ସଂଯୁକ୍ତ ଆରବ ଏମିରେଟ୍ସ, ନେଦରଲ୍ୟାଣ୍ଡ୍ସ, ସ୍ୱିଡେନ୍, ନରୱେ ଏବଂ ଇଟାଲୀକୁ ଗସ୍ତରେ ଯାଇଥିଲେ । ଶେଷ ପର୍ଯ୍ୟାୟରେ ଇଟାଲୀ ଗସ୍ତ ଶେଷ କରି ଶ୍ରୀ ମୋଦୀ ନୂଆଦିଲ୍ଲୀ ଫେରିଛନ୍ତି । ଇଟାଲୀ ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ତାଙ୍କ ପ୍ରତିପକ୍ଷ ଜର୍ଜିଆ ମେଲୋନି ଏବଂ ରାଷ୍ଟ୍ରପତି ସର୍ଗିଓ ମାଟାରେଲାଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ଏବଂ ପରସ୍ପର ସ୍ୱାର୍ଥ ସମ୍ବଳିତ ବୈଶ୍ୱିକ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା କରିଛନ୍ତି । ଶ୍ରୀ ମୋଦୀଙ୍କୁ ଇଟାଲୀର ସମ୍ମାନଜନକ ୟୁଏନ୍ ଏଗ୍ରିକୋଲା ମେଡାଲ ପ୍ରଦାନ କରାଯାଇଛି । ଦ୍ୱିପାକ୍ଷିକ ସ୍ୱତନ୍ତ୍ର ରଣନୈତିକ ଭାଗିଦାରିତାକୁ ଅଧିକ ସୁଦୃଢ଼ କରିବା ନେଇ ଭାରତ ଏବଂ ଇଟାଲୀ ଅଙ୍ଗୀକାରବଦ୍ଧତା ପ୍ରକାଶ କରିଛନ୍ତି ।  ଇଟାଲୀ ଗସ୍ତ ଅବସରରେ ଉଭୟଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ର ନେଇ କେତେକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି । ସେଗୁଡ଼ିକ ମଧ୍ୟରେ କୃଷି, ବିରଳ ଖଣିଜ ସାମଗ୍ରୀ, ଆର୍ଯ୍ୟୁବେଦ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଆଦି ଅର୍ନ୍ତଭୁକ୍ତ । ଉଭୟ ଦେଶ ପ୍ରତିରକ୍ଷା ଶିଳ୍ପ କ୍ଷେତ୍ରରେ ବିକାଶ ଏବଂ ଉତ୍ପାଦନ ବୃଦ୍ଧି ନେଇ ପାରସ୍ପରିକ ସହଯୋଗ ପ୍ରଦାନ ଉପରେ ସହମତ ହୋଇଛନ୍ତି । ଉଭୟ ଦେଶ ୨୦୨୭କୁ ଇଟାଲୀ-ଭାରତ ସଂସ୍କୃତି ଓ ପର୍ଯ୍ୟଟନ ବର୍ଷ ଭାବେ ଘୋଷଣା କରିଛନ୍ତି ।

# ଡିଜିଏଚ୍ଏସ୍-ଇବୋଲା ଡିଜିଜ୍

ଇବୋଲା ପ୍ରଭାବିତ ଦେଶଗୁଡ଼ିକରୁ ଯାତାୟତ କରୁଥିବା ଯାତ୍ରୀଙ୍କ ପାଇଁ ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶାଳୟ ଏକ ପରାମର୍ଶବଳୀ ଜାରି କରିଛି । କଙ୍ଗୋ, ଉଗାଣ୍ଡା ଏବଂ ଦକ୍ଷିଣ ସୁଦାନ ଆଦି ଅତ୍ୟନ୍ତ ପ୍ରଭାବିତ ଅଞ୍ଚଳ

ଗୁଡ଼ିକରୁ ଯାତାୟତ କରୁଥିବା ଯାତ୍ରୀଙ୍କ କ୍ଷେତ୍ରରେ ଏହାକୁ କଡାକଡି ପାଳନ ପାଇଁ କୁହାଯାଇଛି । ଜ୍ୱର, ମୁଣ୍ଡବିନ୍ଧା, ମାଂସପେଶୀ ଯନ୍ତ୍ରଣା, ରକ୍ତସ୍ରାବ କିମ୍ବା ବାନ୍ତି ପରି ଲକ୍ଷ୍ୟ ଅନୁଭବ କରୁଥିବା ଯାତ୍ରୀଙ୍କୁ ତୁରନ୍ତ ଡାକ୍ତରୀ ଚିକିତ୍ସା ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି । ସନ୍ଦିଗ୍ଧ କିମ୍ବା ଇବୋଲା ରୋଗାକ୍ରାନ୍ତ ବ୍ୟକ୍ତିଙ୍କ ରକ୍ତ କିମ୍ବା ଶରୀରର ତରଳ ପଦାର୍ଥ ସହିତ ସିଧାସଳଖ ସଂସ୍ପର୍ଶରେ ଆସିଥିବା ଯାତ୍ରୀମାନଙ୍କୁ ବିଦେଶାଗତ ଅନୁମତି ମିଳିବା ପୂର୍ବରୁ ତୁରନ୍ତ ବିମାନବନ୍ଦର ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ରିପୋର୍ଟ କରିବାକୁ କୁହାଯାଇଛି । ଫେରିବାର ୨୧ ଦିନ ମଧ୍ୟରେ ଏହିସବୁ ଲକ୍ଷଣ ଦେଖାଯାଉଥିବା ଯାତ୍ରୀଙ୍କୁ ତୁରନ୍ତ ଡାକ୍ତରସେବା ପ୍ରଦାନ କରିବାକୁ ଗୁରୁତ୍ୱ ଦିଆଯାଇଛି । ସନ୍ଦିଗ୍ଧଙ୍କ କ୍ଷେତ୍ରରେ ଯାତାୟତ ଇତିହାସର ସମ୍ପୂର୍ଣ୍ଣ ବିବରଣୀ ସ୍ୱାସ୍ଥ୍ୟସେବା କର୍ତ୍ତୃପକ୍ଷଙ୍କୁ ଜଣାଇବାକୁ ପରାମର୍ଶବଳୀରେ ଉଲ୍ଲେଖ କରାଯାଇଛି । ଅନ୍ତର୍ଜାତୀୟ ସ୍ୱାସ୍ଥ୍ୟ ନିୟମାବଳୀ ପାଳନକୁ ସୁନିଶ୍ଚିତ କରିବା ଏବଂ ସ୍ୱାସ୍ଥ୍ୟ ପରୀକ୍ଷା ଓ ଜନସ୍ୱାସ୍ଥ୍ୟ ପଦକ୍ଷେପ କ୍ଷେତ୍ରରେ ସହଯୋଗ ପ୍ରଦାନ କରିବାକୁ ଯାତ୍ରୀଙ୍କୁ ମନ୍ତ୍ରଣାଳୟ ପକ୍ଷରୁ ଅନୁରୋଧ କରାଯାଇଛି ।

---

## ନଡ୍ଡା-ହେଲ୍‌ଥ-ଏଆଇ

କୃତ୍ରିମ ବୁଦ୍ଧିମତା ଉପଯୋଗ ମାଧ୍ୟମରେ ସ୍ୱାସ୍ଥ୍ୟସେବା ପ୍ରଦାନ ଅଧିକ ତ୍ୱରାନ୍ୱିତ ହୋଇପାରିଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡା କହିଛନ୍ତି । ଜେନେଭାଠାରେ ୭୯ତମ ବିଶ୍ୱସ୍ୱାସ୍ଥ୍ୟ ସମ୍ମିଳନୀରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ନଡ୍ଡା କହିଛନ୍ତି କୃତ୍ରିମ ବୁଦ୍ଧିମତାର ସଠିକ୍ ଉପଯୋଗ ପାଇଁ ସୁଦୃଢ଼ ବ୍ୟବସ୍ଥା, ଗବେଷଣାଲବ୍ଧ ଜ୍ଞାନ ଏବଂ ନିୟମିତ ତଦାରଖର ଆବଶ୍ୟକତା ରହିଛି । କୃତ୍ରିମ ବୁଦ୍ଧିମତା ଆଧାରିତ

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରହିଥିବା ସମ୍ଭାବନାଗୁଡ଼ିକ ଉପରେ ଶ୍ରୀ ନଡ୍ଡା ଏହି ଅବସରରେ ଆଲୋକପାତ କରିଛନ୍ତି । ସେ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱ ଅଧୀନରେ ଭାରତରେ ୨୦୧୫ ମସିହାରୁ ଡିଜିଟାଲ ଇଣ୍ଡିଆ ପଦକ୍ଷେପ କାର୍ଯ୍ୟକାରୀ ହୋଇଆସୁଛି । ଭାରତକୁ ଏକ ଡିଜିଟାଲ ସଶକ୍ତ ସମାଜ ଏବଂ ଜ୍ଞାନ ଅର୍ଥନୀତିରେ ପରିଣତ କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ । କୃତ୍ରିମ ବୁଦ୍ଧିମତା ସମେତ ଆଧୁନିକ ପ୍ରଯୁକ୍ତିବିଦ୍ୟାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଧିକ ଉପଯୋଗ ପାଇଁ ଭାରତ ପ୍ରସ୍ତୁତ ରହିଛି ବୋଲି ଶ୍ରୀ ନଡ୍ଡା କହିଛନ୍ତି ।

## ଗଡକରୀ ହାଇୱେ ମିଟିଂ

ତ୍ରିପୁରା, ଅରୁଣାଚଳ ପ୍ରଦେଶ ଏବଂ ସିକ୍କିମର ବିଭିନ୍ନ ରାଜପଥର ଗୁଣବତ୍ତା ଏବଂ ରକ୍ଷଣାବେକ୍ଷଣ ସ୍ଥିତି ନେଇ ନୂଆଦିଲ୍ଲୀଠାରେ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ ସମୀକ୍ଷା କରିଛନ୍ତି । ସୁ-ବ୍ୟବସ୍ଥିତ ଯାତ୍ରା ସୁବିଧା, ସଡ଼କ ସଂଯୋଗୀକରଣ ଏବଂ ନିରନ୍ତର ତଥା ଦକ୍ଷତାସମ୍ପନ୍ନ ରାଜପଥ ସୁନିଶ୍ଚିତ କରିବା ନେଇ ସମୟୋଚିତ ପଦକ୍ଷେପ ଏବଂ ଉନ୍ନତ ପ୍ରଯୁକ୍ତିବିଦ୍ୟା ଉପଯୋଗ ଉପରେ ଶ୍ରୀ ଗଡକରୀ ଗୁରୁତ୍ୱ ପ୍ରଦାନ କରିଛନ୍ତି । ସଡ଼କ ସୁରକ୍ଷା ଏବଂ ନିରନ୍ତରତାକୁ ବଜାୟ ରଖିବା ପାଇଁ ଆବଶ୍ୟକ ପଦକ୍ଷେପ ଏବଂ ମୌସୁମୀଜନିତ ଆହ୍ୱାନର ମୁକାବିଲା ନେଇ ସମୟୋଚିତ କାର୍ଯ୍ୟାନ୍ୱୟନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କାର୍ଯ୍ୟାନ୍ୱୟନର ସ୍ୱଚ୍ଛତାକୁ ଦୃଷ୍ଟିରେ ରଖି ଦାୟିତ୍ୱ ନିର୍ଦ୍ଧାରଣ କରିବା ଉପରେ ମଧ୍ୟ ଶ୍ରୀ ଗଡକରୀ ଗୁରୁତ୍ୱ ପ୍ରଦାନ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ସଡ଼କପଥର ରକ୍ଷଣାବେକ୍ଷଣ ନେଇ ହସ୍ତଗତ ହୋଇଥିବା ମତାମତ ଉପରେ ମନ୍ତ୍ରଣାଳୟ

ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି । ବୈଠକରେ ସଡ଼କ ପରିବହନ ଓ ରାଜପଥ ରାଷ୍ଟ୍ରମନ୍ତ୍ରୀ ଅଜୟ ତାମ୍‌ତା ଏବଂ ହର୍ଷ ମାଲହୋତ୍ରା ଓ ବିଭାଗୀୟ ବରିଷ୍ଠ ପଦାଧିକାରୀ ଯୋଗ ଦେଇଥିଲେ ।

## ଗଭ୍-କସମେଟିକ୍ସ

ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଉପଯୋଗ କରାଯାଉଥିବା ଇଞ୍ଜେକ୍ସନ ବ୍ୟବହାରକୁ ସରକାର ନିଷିଦ୍ଧ ଘୋଷଣା କରିଛନ୍ତି । ଏ ସମ୍ପର୍କରେ ସୂଚନା ଦେଇ କେନ୍ଦ୍ରୀୟ ଔଷଧ ମାନକ ନିୟନ୍ତ୍ରଣ ସଂଗଠନ ସି.ଡି.ଏସ୍.ସି.ଓ କହିଛି ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ବ୍ୟବହାର ହେଉଥିବା ସାମଗ୍ରୀର ଉତ୍ପାଦନ ଏବଂ ଆମଦାନୀ କସ୍‌ମେଟିକ୍ସ ନିୟମ ୨୦୨୦ ଅନୁଯାୟୀ କାର୍ଯ୍ୟକାରୀ ହୋଇଥାଏ । ମାନବ ଶରୀରରେ ଏହାକୁ କେତେକ ନିର୍ଦ୍ଦିଷ୍ଟ ଉପାୟରେ ବ୍ୟବହାର ପାଇଁ ଅନୁମତି ପ୍ରଦାନ କରାଯାଇଛି । ଶରୀରର ସୌଷ୍ଠବ ଗଠନ ପାଇଁ ବ୍ୟବହାର ହେଉଥିବା ଇଞ୍ଜେକ୍ସନ ଏ ସଂକ୍ରାନ୍ତ ଆଇନ୍ ଓ ନିୟମାବଳୀର ଉଲ୍ଲଙ୍ଘନ କରୁଛି ବୋଲି ସଂଗଠନ ସୂଚନା ପ୍ରଦାନ କରିଛି ।

## ୟୁପିଏସ୍‌ସି ସେଣ୍ଟର

ସିଭିଲ ସର୍ଭିସେସ୍ ପ୍ରାଥମିକ ପରୀକ୍ଷା ୨୦୨୬ ପାଇଁ କେନ୍ଦ୍ରୀୟ ଲୋକସେବା ଆୟୋଗ ୟୁପିଏସ୍‌ସି ପକ୍ଷରୁ ୩ଟି ନୂତନ ପରୀକ୍ଷା କେନ୍ଦ୍ର କାର୍ଯ୍ୟକାରୀ କରାଯିବ । ସେଗୁଡ଼ିକ ହେଉଛି ଭୁବନେଶ୍ୱର, କାନପୁର ଏବଂ ମିରଟ । ଏହାକୁ ମିଶାଇ ୟୁପିଏସ୍‌ସି ପ୍ରିଲିମ ପରୀକ୍ଷା ପାଇଁ ମୋଟ କେନ୍ଦ୍ରସଂଖ୍ୟା ୮୦ରୁ ୮୩କୁ ବୃଦ୍ଧି ପାଇଛି । ଲୋକସେବା ଆୟୋଗ ଦେଇଥିବା ସୂଚନା ଅନୁଯାୟୀ ପ୍ରାୟ ୨୩ହଜାର ପ୍ରାର୍ଥୀ ଏହି ନୂତନ କେନ୍ଦ୍ର ଗୁଡ଼ିକରେ ପରୀକ୍ଷା ଦେବା ପାଇଁ ଆବେଦନ କରୁଛନ୍ତି । ଏହାଦ୍ୱାରା

କାର୍ଯ୍ୟକ୍ଷମ ଥିବା କେନ୍ଦ୍ରଗୁଡ଼ିକରେ ପରୀକ୍ଷାର୍ଥୀଙ୍କ ଭିଡ଼ ହ୍ରାସ ପାଇବ । ଆୟୋଗର ଅଧ୍ୟକ୍ଷ ଡକ୍ଟର ଅଜୟ କୁମାର କହିଛନ୍ତି ପରୀକ୍ଷା ପ୍ରକ୍ରିୟାକୁ ଅଧିକ ପରୀକ୍ଷାର୍ଥୀ ଅନୁକୂଳ, ସ୍ୱଚ୍ଛ ଏବଂ ଦକ୍ଷତା ସମ୍ପନ୍ନ କରିବା ଏହି ନିଷ୍ପତ୍ତିର ଅନ୍ୟତମ ଉଦ୍ଦେଶ୍ୟ । ସିଭିଲ ସର୍ଭିସ୍ ପ୍ରିଲିମ ପରୀକ୍ଷା ୨୦୨୬ ପାଇ ଚଳିତବର୍ଷ ୮ଲକ୍ଷ ୧୯ହଜାରରୁ ଅଧିକ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି ।

## ଇଣ୍ଟରନ୍ୟାସନାଲ ଟି ଡେ

ମାନବ ସମାଜରେ ଚା'ର ସାଂସ୍କୃତି ଐତିହ୍ୟ, ସ୍ୱାସ୍ଥ୍ୟପ୍ରତି ରହିଥିବା ସୁଫଳ ଏବଂ ଏ କ୍ଷେତ୍ରରେ ରହିଥିବା ଆର୍ଥିକ ପ୍ରୋତ୍ସାହନ ସମ୍ପର୍କରେ ସଚେତନତା ସୃଷ୍ଟି ଲକ୍ଷ୍ୟ ନେଇ ଆଜି ବିଶ୍ୱବ୍ୟାପୀ ଅନ୍ତର୍ଜାତୀୟ ଚା' ଦିବସ ପାଳନ କରାଯାଉଛି । ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ ଦ୍ୱାରା ଏହି ଦିବସ ପ୍ରତିବର୍ଷ ମେ' ମାସ ୨୧ ତାରିଖରେ ପାଳନ କରାଯାଇ ଆସୁଛି । ଚଳିତବର୍ଷର ବିଷୟବସ୍ତୁ ରହିଛି 'ଚା'ର ନିରନ୍ତରତା ବଜାୟ ରଖିବା ସହ ସମାଜକୁ ସମର୍ଥନ' । ଚାହା ଉତ୍ପାଦନ ଉପରେ ନିରନ୍ତରତା ବଜାୟ ରଖିବା ସହ କୃଷି କ୍ଷେତ୍ରରୁ ଚା' କପ୍ ପର୍ଯ୍ୟନ୍ତ ଏହାର ସଂସ୍କୃତି ଏବଂ ପରିବେଶଗତ ସୁଫଳ ପରବର୍ତ୍ତୀ ପୀଢ଼ିଙ୍କ ପାଖରେ ପହଞ୍ଚାଇବା ଲକ୍ଷ୍ୟକୁ ଏହି ପ୍ରସଙ୍ଗ ପ୍ରତିଫଳନ କରୁଛି ।

ଦେଶରେ ଚା' ଉତ୍ପାଦନ ଏବଂ ପ୍ରକ୍ରିୟାକରଣ କ୍ଷେତ୍ରରେ ସାମିଲ ହୋଇ ଲକ୍ଷଲକ୍ଷ ପରିବାର ଜୀବିକା ନିର୍ବାହ କରୁଛନ୍ତି । ଚା'ର ଉତ୍ପତ୍ତି ୫ହଜାର ବର୍ଷରୁ ଅଧିକ ପୁରାତନ । ଚା' କ୍ଷେତ ୧୩ ନିୟୁତ ଲୋକଙ୍କର ଆୟର ଏକ ମୁଖ୍ୟ ଉତ୍ସ ପାଲଟିଛି । ଚା'ର ନିରନ୍ତର ଉତ୍ପାଦନ, ବ୍ୟବହାର ଏବଂ

ବାଣିଜ୍ୟକୁ ପ୍ରୋତ୍ସାହନ ପ୍ରଦାନ କରିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି ।

## ନ୍ୟାସନାଲ ଆଣ୍ଟି ଟେରୋରିଜିମ ଡେ

ଆତଙ୍କବାଦ ଏବଂ ଆତଙ୍କବାଦୀ କାର୍ଯ୍ୟକଳାପର କ୍ଷତିକାରକ ପରିମାଣ ଏବଂ ଏହା ବିରୁଦ୍ଧରେ ଜନସଚେତନତା ସୃଷ୍ଟି ଲକ୍ଷ୍ୟ ନେଇ ଆଜି ଦେଶବ୍ୟାପୀ ଆତଙ୍କବାଦ ନିରୋଧ ଦିବସ ପାଳନ କରାଯାଉଛି । ଯୁବବର୍ଗଙ୍କୁ ଆତଙ୍କବାଦ ତଥା ହିଂସାତ୍ମକ କାର୍ଯ୍ୟକଳାପରୁ ଦୂରେଇ ରଖିବା ଏହି ଦିବସ ପାଳନର ଅନ୍ୟତମ ଉଦ୍ଦେଶ୍ୟ । ଆଜି ଦେଶବ୍ୟାପୀ ଏଥିପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ସହ ଆତଙ୍କବାଦ ବିରୋଧୀ ଶପଥଗ୍ରହଣ ସମାରୋହମାନ ଅନୁଷ୍ଠିତ ହେଉଛି । ୧୯୯୧ ମସିହାରେ ମେ' ମାସ ୨୧ ତାରିଖରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଆତଙ୍କବାଦୀ କାର୍ଯ୍ୟକଳାପର ଶିକାର ହୋଇଥିଲେ । ଆଜିର ଦିବସରେ ଦେଶବାସୀ ତାଙ୍କର ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱର୍ଗତଃ ରାଜୀବ ଗାନ୍ଧୀଙ୍କ ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

## ଆଇପିଏଲ୍

ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଜି ଗୁଜରାଟ୍ ଟାଇଟନ୍‌ସ ଓ ଚେନ୍ନାଇ ସୁପର କିଙ୍ଗ୍‌ସ ମଧ୍ୟରେ ମ୍ୟାଚ୍ ଖେଳାଯିବ। ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ମ୍ୟାଚ୍ ଆରମ୍ଭ ହେବ ।

ଗତକାଲିର ମ୍ୟାଚ୍‌ରେ କୋଲ୍‌କାତା ନାଇଟ୍ ରାଇଡର୍ସ ୪ ଓ୍ୱିକେଟ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଥିଲା ।

## ହକି - ଅଣ୍ଡର ୧୮

ମଧ୍ୟପ୍ରଦେଶର ଭୋପାଳସ୍ଥିତ ଉଦ୍ଧବ ଦାସ ମେହେଟ୍ଟା କେନ୍ଦ୍ରୀୟ ସାଇ କେନ୍ଦ୍ରରେ ୧୮ ବର୍ଷରୁ କମ୍ ପୁରୁଷ ହକିରେ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ଚତୁର୍ଥ ତଥା ଫାଇନାଲ୍ ମ୍ୟାଚ୍ ୩-୩ରେ ଅମୀମାଂଶିତ ରହିଛି । ଅଷ୍ଟ୍ରେଲିଆ ବିରୋଧରେ ୪ଟିକିଆ ସିରିଜ୍‌ରେ ଭାରତୀୟ ପୁରୁଷ ଦଳ ଗୋଟିଏ ବିଜୟ ଲାଭ କରିଥିବାବେଳେ ଗୋଟିଏରେ ପରାସ୍ତ ଓ ଅନ୍ୟ ଦୁଇଟିରେ ମ୍ୟାଚ୍ ଅମୀମାଂଶିତ ରହିଛି । ଅନ୍ୟପକ୍ଷରେ ୧୮ ବର୍ଷରୁ କମ୍ ଭାରତୀୟ ମହିଳା ହକି ଟିମ୍ ଅଷ୍ଟ୍ରେଲିଆକୁ ଫାଇନାଲ୍ ମ୍ୟାଚ୍‌ରେ ୪-୧ରେ ପରାସ୍ତ କରିଛି ।

---